# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 02nd October - 2024

### News Editor : *Itishree Singh Rathaur*

***********************************

***Desk***

## ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ମହାନ ଜନନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ପୂଣ୍ୟ ଜନ୍ମତିଥି ଆଜି ସାରା ଦେଶରେ ପାଳନ କରାଯାଉଛି। ଗାଁରୁ ସହର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ୧୫୫ତମ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ମିଶନର ଦଶମ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ  ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା ସହ ସମ୍ପର୍କିତ ୯ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ତଥା ଶିଳାନ୍ୟାସ କରିବେ।  ସେହିଭଳି ଝାଡ଼ଖଣ୍ଡରେ ୮୩ ହଜାର ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ ଆଜି ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଗୋଟିଏ ଘଣ୍ଟା

ପାଇଁ ସ୍ୱଚ୍ଛତା ଲାଗି ଶ୍ରମଦାନ କରିବାକୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ନିଜ ବାର୍ତ୍ତାରେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବାପାଇଁ ସଙ୍କଳ୍ପବଦ୍ଧ ହେବାକୁ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗାନ୍ଧିଜୀଙ୍କ ଆଦର୍ଶ ଓ ବିଚାରଧାରାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ଗାନ୍ଧି ଜୟନ୍ତୀ ଅବସରରେ ଆଜି ଓଡ଼ିଶା ବିଧାନସଭା ପରିସରରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ । ଏଥିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ । ସେହିଭଳି କଟକ ତେଲଙ୍ଗାପେଣ୍ଠସ୍ଥିତ ଗାନ୍ଧି ସ୍ମୃତିପୀଠରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ଜଣାପଡ଼ିଛି ।

ଗାନ୍ଧିଜୟନ୍ତୀ ଅବସରରେ ଆଜି ସକାଳୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଭାତଫେରୀ ଅନୁଷ୍ଠିତ ହୋଇଯାଇଛି ।

***Desk***

# ମୁଖ୍ୟମନ୍ତ୍ରୀ - ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ଆସନ୍ତାବର୍ଷ ଜାନୁୟାରୀ

୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ' ପାଇଁ ନିବେଶକମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି ।

***IPR***

## ହବିଷ୍ୟାଳୀ

ରାଜ୍ୟରେ କାର୍ତ୍ତିକ ମାସରେ ହବିଷ୍ୟାଳୀମାନଙ୍କର ବ୍ରତ ପାଳନ ପାଇଁ ସରକାର ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳକୁ ଅନୁମୋଦନ କରିଛନ୍ତି । ଏହାସହ ହବିଷ୍ୟାଳୀମାନଙ୍କୁ ବ୍ରତ ପାଳନ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ସେ କହିଛନ୍ତି, ହବିଷ୍ୟାଳୀ କେନ୍ଦ୍ରଗୁଡ଼ିକରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ ଆଦିର ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ବିଭିନ୍ନ ପଦକ୍ଷେପ କରାଯିବ । ସୂଚନା ଅନୁସାରେ, ଆସନ୍ତା ୧୮ ତାରିଖରୁ କାର୍ତ୍ତିକ ମାସ ବ୍ରତ ଆରମ୍ଭ ହେଉଛି ।

*Desk*

# ସମବାୟ - ସମୀକ୍ଷା ବୈଠକ

ସମବାୟ ସମିତିଗୁଡ଼ିକର ସଶକ୍ତୀକରଣ ଏବଂ ଗ୍ରାମାଞ୍ଚଳରେ କୃଷି ସମବାୟ ସମିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ସମବାୟ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ଜାତୀୟ ସମୀକ୍ଷା ବୈଠକ ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଚାଷୀମାନଙ୍କ ଆବଶ୍ୟକତା ପୂରଣପାଇଁ ସମବାୟ ସମିତି ସଶକ୍ତ ହେବା ଜରୁରୀ । ତୃଣମୂଳ ସ୍ତରରେ ଏହି ସମିତିଗୁଡ଼ିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ସମବାୟ ମନ୍ତ୍ରଣାଳୟର ଶାସନ ସଚିବ ଆଶିଷ କୁମାର ଭୁଟାନୀ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ସମବାୟ ସଦସ୍ୟମାନଙ୍କୁ ନିୟମିତ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ । ଏହି ବୈଠକରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

*BBSR/R*

# ପୋଷାକ ରଙ୍ଗ

ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପୋଷାକ ରଙ୍ଗରେ ପରିବର୍ତ୍ତନ କରାଯାଇଛି । ପୋଷାକର ଡିଜାଇନ୍ ପୂର୍ବ ଭଳି ରହିଥିବାବେଳେ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ଖଇରିଆ

ରଙ୍ଗର ପ୍ୟାଣ୍ଟ ଓ ଘିଅ ରଙ୍ଗର ଶାର୍ଟ ପିନ୍ଧିବା ନିମନ୍ତେ ନିଷ୍ପତ୍ତି ହୋଇଛି । ଛାତ୍ରୀମାନଙ୍କପାଇଁ ଈଷତ୍ ଖଇରିଆ ରଙ୍ଗର ଜ୍ୟାକେଟ୍ ମଧ୍ୟ ରହିଛି । ତେବେ ଯେଉଁ ବିଦ୍ୟାଳୟରେ ପୁରୁଣା ଡିଜାଇନ୍‌ରେ ପୋଷାକ ବିତରଣ ସରି ନ ଥିବ କିମ୍ବା ସିଲେଇ କରିବାକୁ ଦିଆଯାଇ ନ ଥିବ, ସେହି ବିଦ୍ୟାଳୟରେ ନୂଆ ରଙ୍ଗର ପୋଷାକ ଦିଆଯିବ । ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ପୋଷାକ ବଣ୍ଟନ କରାଯିବ ।

***BBSR/R***

# ଓ.ଏଲ୍.ଆଇ.ସି.

ରାଜ୍ୟରେ ଏପର୍ଯ୍ୟନ୍ତ ୧ ଲକ୍ଷ ୭୧ ହଜାର ପ୍ରକଳ୍ପ ଜରିଆରେ ୧୫ ଲକ୍ଷ ୯୬ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି କରାଯାଇଛି । ଚଳିତ ବର୍ଷ ଉଠାଜଳସେଚନ ମାଧ୍ୟମରେ ୧ ଲକ୍ଷ ୨୨ ହଜାର ୬୪୮ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ଲକ୍ଷ୍ୟ ରଖାଯାଇଥିବା ଓଡ଼ିଶା ଉଠା ଜଳାସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ୍ କହିଛନ୍ତି । ନିଗମର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିଗମର ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଏଥିରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ଇ-ସର୍ଭିସ୍ ବୁକିଂର ଶୁଭାରମ୍ଭ ହୋଇଥିଲା ।

*Desk, Bhadrak/R*

# ମହାଳୟ

ପିତୃପକ୍ଷ ଅଥବା ଅପରପକ୍ଷର ଅନ୍ତିମ ଦିବସ ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଉଛି । ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ମହାଳୟା ପାଇଁ ମା' ସମଲେଶ୍ୱରୀ ଆଜି ସକାଳୁ ଶ୍ରଦ୍ଧାଳୁମାନଙ୍କୁ ଧବଳମୁଖୀ ବେଶରେ ଦର୍ଶନ ଦେଉଛନ୍ତି ।

ମହାଳୟା ଉପଲକ୍ଷେ ଭଦ୍ରକ ଜିଲ୍ଲା ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣୀଙ୍କ ପୀଠରେ ଥିବା ମା' ଜୟଦୁର୍ଗା ମହାକାଳୀ ବେଶରେ ଓ ବାବାମଣି ବଡ଼ସିଂହାର ବେଶରେ ଦର୍ଶନ ଦେଉଛନ୍ତି ।

*****